ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ନଭେମ୍ବର ୧୩**

# ଝାଡ଼ଖଣ୍ଡରୁ କଟକର ବାଲିଯାତ୍ରା......



ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ସମଗ୍ର ଭାରତରେ ଓଡ଼ିଆ ଭାଷାଭାଷୀ ଓଡ଼ିଶା ପରେ ଅଧିକ ରହୁଥିବା ରାଜ୍ୟଟି ହେଉଛି ଝାଡ଼ଖଣ୍ଡ । ପଡ଼ୋଶୀ ଏହି ଝାଡ଼ଖଣ୍ଡ ରାଜ୍ୟଟି ଅନେକ ଓଡ଼ିଆଙ୍କ ରୋଜିରୋଟି, ଭାତହାଣ୍ଡି ଆଉ ପିଢ଼ି ପିଢ଼ିର ଅନେକ ସମ୍ପର୍କ ରଖିଛି । କାହିଁ ହଜାର ବର୍ଷର କଟକ ସହର ମହାନଦୀ ପଠାର ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା, କାହିଁ କେତେ ଦୂର ଝାଡ଼ଖଣ୍ଡ କିନ୍ତୁ ଏସବୁ ଭିତରେ ରହିଛି ଏକ ଆବେଗପୂର୍ଣ୍ଣ ସମ୍ପର୍କ । ଝାଡ଼ଖଣ୍ଡର ମୁଖ୍ୟ ରେଳଷ୍ଟେସନ ହେଉଛି ଟାଟା ନଗର । ଟାଟାନଗର ରେଳଷ୍ଟେସନ ଠାରୁ ସାକଚୀ ସହର ଯିବା ବାଟରେ ବାମ ପାର୍ଶ୍ୱରେ ପଡ଼େ ବର୍ମା ମାଇନ୍ସ । ଅଧିକାଂଶ ଓଡ଼ିଆ ଏହି ବର୍ମା ମାଇନ୍ସ ଅଂଚଳରେ ରୁହନ୍ତି । ତେବେ ଅନେକ ହୁଏତ ଜାଣନ୍ତିନି ବର୍ମା ମାଇନ୍ସର ରାଜକିଶୋର ସାହୁ ଆଜକୁ ପିଢ଼ି ପିଢ଼ି ଧରି କଟକ ବାଲିଯାତ୍ରାକୁ ଏକ ସ୍ୱତନ୍ତ୍ର ଝାଡ଼ଖଣ୍ଡୀ ମିଠା ନେଇ ଆସନ୍ତି । ଖଜୁରୀ ଗୁଡ଼, ରାଶି, ପାଳୁଅ ମିଶାର ଏହି ଅତ୍ୟନ୍ତ ସ୍ୱାଦିଷ୍ଟ ମିଠାଟି ସେ କେବଳ ବର୍ଷକୁ ଥରେ ବାଲିଯାତ୍ରା ମେଳାକୁ ନେଇ ଯାଇଥାନ୍ତି । ଫେରିବା ବେଳକୁ ସ୍ଥାନୀୟ ବଜାରର ବିଶେଷକରି ଶସ୍ୟ ଜାତୀୟ ସାମଗ୍ରୀ ଧରି ଫେରନ୍ତି ନିଜ ବେପାରବଟା ପାଇଁ । ସେହିପରି ଝାଡ଼ଖଣ୍ଡର ମାନ୍‌ଗୋ ଅଂଚଳର ପ୍ରସିଦ୍ଧ ମିକ୍ସଚରକୁ ଖୋଜି ଥାନ୍ତି ବାଲିଯାତ୍ରା ପଡ଼ିଆର ପାଟି ଟକଳା । ଖାଲି କଟକିଆ ନୁହଁନ୍ତି ଅଧିକାଂଶ ଯାତ୍ରୀ । ଏହି ଓଡ଼ିଆ ପ୍ରବଣ ମାନ୍‌ଗୋ ଅଂଚଳର ବିରଂଚି ପାତ୍ର ଆଜକୁ ସାତ ବର୍ଷ ହେଲା ବାଲିଯାତ୍ରା ପଡ଼ିଆକୁ ତାଙ୍କ ମିକ୍ସଚର ନେଇ ଯାଇଥାନ୍ତି । ତେବେ କଟକ ସହରରେ ପ୍ରସିଦ୍ଧ ମିକ୍ସଚର ସବୁ ଥିବା ସମୟରେ ମାନ୍‌ଗୋର ଏହି ମିକ୍ସଚରର ସ୍ୱତନ୍ତ୍ରତା ହେଉଛି ଏଥିରେ ହାତ ତିଆରି ସମସ୍ତ ଜିନିଷ ବ୍ୟବହୃତ ହୋଇଥାଏ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ବୁଟଡାଲି ଠାରୁ ମୁଗ ସବୁକିଛିକୁ ମେସିନରେ ନୁହେଁ ବରଂ ସ୍ଥାନୀୟ ମହିଳା ମାନଙ୍କ ସହାୟତା ନେଇ ଶିଳପୁଆରେ ଅଦା, ରାଗ ବିହୀନ ଲଙ୍କା, ଜିରା ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ଏପରି ମନଲୋଭା ପ୍ରସ୍ତୁତି ହୋଇଥାଏ ଯେ, ବାଲିଯାତ୍ରାରେ ତାଙ୍କ ବେପାର ମାତ୍ର ତିନି ଚାରିଦିନ ଭିତରେ ହିଁ ସରିଯାଏ ।

ଝାଡ଼ଖଣ୍ଡର ଅନ୍ୟତମ ଓଡ଼ିଆ ପ୍ରବଣ ବଡ଼ ସହର ହେଉଛି ସାକଚୀ । ବିଭିନ୍ନ ଲୁହା ଜିନିଷ ଏଠାରେ ଉତ୍କୃଷ୍ଟମାନର ତିଆରି ହୁଏ । ସ୍ଥାନୀୟ ଲୌହ ଶିଳ୍ପ ପ୍ରକଳ୍ପରୁ ଖାଣ୍ଟି ଲୁହାର ବିଭିନ୍ନ ଘରୁଆ ସାମଗ୍ରୀ ନେଇ ପିଢ଼ି ପିଢ଼ି ଧରି ବାଲିଯାତ୍ରା ଯାଇଥାନ୍ତି ପ୍ରଦୀପ ଓଝା ଓ ତାଙ୍କ ପରିବାର ବର୍ଗ । କେବଳ ସେତିକି ନୁହେଁ ସାକଚୀ ପାନ ମାର୍କେଟର ଓଡ଼ିଆ ପୁଅ ନରୋତମ ପୁହାଣଙ୍କ ପାନ ଦୋକାନ ଅସ୍ଥାୟୀ ଭାବେ କଟକ ବାଲିଯାତ୍ରାକୁ ଆସିଥାଏ, ତାଙ୍କ ପାନର ସ୍ୱତନ୍ତ୍ରତା ହେଉଛି ଏହା ଆମ ଓଡ଼ିଶା ପାନ ଠାରୁ ଅତ୍ୟନ୍ତ ସ୍ୱାଦିଷ୍ଟ, ମୁଖରୋଚକ ଓ ଏକ ସୁନ୍ଦର ଆକୃତିର । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ସାକଚୀ ଦାଲଦା ଲାଇନର ପ୍ରସିଦ୍ଧ ଜୟଦୁର୍ଗା ଜୁଏଲାରୀ କିଛି ରୌପ୍ୟର ସ୍ୱଳ୍ପ ମୂଲ୍ୟର ଅଳଙ୍କାର ନେଇ ବାଲିଯାତ୍ରା ବେପାରକୁ ଯାଇଥାନ୍ତି ଓଡ଼ିଆ ପୁଅ ସୁଦାମ ସାହୁ । ଏମିତିରେ କହିବାକୁ ଗଲେ ଝାଡ଼ଖଣ୍ଡର ବର୍ମା ମାଇନ୍ସ, ଟାଟା ନଗର ରେଳଷ୍ଟେସନର ସାମ୍ନା ଅଂଚଳ କୁହାଯାଉଥିବା ପରସୁଡ଼ି, ଆଦିତ୍ୟପୁର, କଦମା, ସାକଚୀ, ସୋନାରୀ, ବିଷ୍ଟୁପୁର, ଗମାରିଆ ପରି ଅଂଚଳ ଗୁଡ଼ିକ ହେଉଛି ଓଡ଼ିଆ ପ୍ରବଣ । ଝାଡ଼ଖଣ୍ଡର ଟାଟା ନଗରର ଉତ୍କଳ ପ୍ରାଣର ଅନନ୍ୟ ପ୍ରବାସୀ ମିଳନ ମଂଚ ଉତ୍କଳ ଆସୋସିଏସନ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜଗନ୍ନାଥ ମନ୍ଦିର ପକ୍ଷରୁ ସମସ୍ତ ଭକ୍ତମାନଙ୍କୁ କ୍ଷୀରି ଭୋଗ ପ୍ରଦାନ କରାଯାଇଥିଲା । ସେହିପରି ଉତ୍କଳ ସମାଜ ଗୋଲମୁରୀରେ ରହିଥିବା ଜଗନ୍ନାଥ ମନ୍ଦିର ଖାସମହଲ, ଗୋଲପାହାଡ଼ୀ ଓ ବାନ୍ଧବସମିତି, ଶାସ୍ତ୍ରୀନଗର, କଦମାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଓଡ଼ିଆ ଆଧ୍ୟାତ୍ମିକ ଭାବନାକୁ ଉଦ୍‌ଜୀବିତ କରିଥାଏ । ସମୃଦ୍ଧ ଇତିହାସର ପୃଷ୍ଠଭୂମିକୁ ନେଇ ଆୟୋଜିତ ହେଉଥିବା ହଜାର ବର୍ଷର ସହର କଟକ ବାଲିଯାତ୍ରା ତେବେ ଏସିଆର ସର୍ବବୃହତ ମୁକ୍ତାକାଶ ମେଳାର ମାନ୍ୟତା ପାଇଛି । ଗ୍ରୀନିଜ ବିଶ୍ୱରେକର୍ଡ଼ ପୃଷ୍ଠରେ ସ୍ୱର୍ଣ୍ଣିମ ଅକ୍ଷର ଲିପିବଦ୍ଧ କରିସାରିଥିବା କଟକ ବାଲିଯାତ୍ରା ପ୍ରତିବର୍ଷ ନିଜ ଆକର୍ଷଣରେ ନୂଆ ନୂଆ ବିଭବ ଯୋଡୁଛି । ପ୍ରାଚୀନ କଳିଙ୍ଗ ଯାହାକି ଆଧୁନିକ ଓଡ଼ିଶା ସାମୁଦ୍ରିକ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କକୁ ସ୍ମରଣ କରେ କଟକ ବାଲିଯାତ୍ରା । ଯେଉଁଠାରେ ଦିନେ ଓଡ଼ିଆ ସାଧବମାନେ ବାଲି, ଜାଭା, ସୁମତ୍ରା, ଶ୍ରୀଲଙ୍କା ଭଳି ଦୂର ଦେଶକୁ ବୋଇତରେ ଯାତ୍ରା କରୁଥିଲେ । ସାଙ୍ଗରେ ମସଲା, ରେଶମ, ହସ୍ତତନ୍ତ ଓ ଆଭୂଷଣ ଭଳି ପଣ୍ୟ ନେଇ ଯାଉଥିଲେ । ଘର ବାହୁଡ଼ା ସାଧବମାନେ ବିଦେଶୀ ସଂସ୍କୃତି, ହିନ୍ଦୁଧର୍ମ ଓ ସ୍ଥାପତ୍ୟ ନେଇ ଫେରୁଥିଲେ । ଏହି ସାମୁଦ୍ରିକ ବାଣିଜ୍ୟ ଓଡ଼ିଶାକୁ ଏକ ବିଶ୍ୱବ୍ୟାପୀ ବାଣିଜ୍ୟ କେନ୍ଦ୍ର କରିଥିଲା । ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ରେ ଜି-୨୦ ସମ୍ମିଳନୀରେ ବାଲିଯାତ୍ରାକୁ ଉଲ୍ଲେଖ କରି ଏହାର ଆନ୍ତର୍ଜାତିକ ଗୁରୁତ୍ୱକୁ ସ୍ୱୀକୃତି ଦେଇଥିଲେ ।

ହଜାର ବର୍ଷର କଟକ ସହରର ବାଲିଯାତ୍ରା ଦେଖିବାକୁ ଆଉ କେବଳ ବୁଲିବାକୁ ନୁହେଁ ଅନେକ ଘରକରଣା, ଝିଅ ଝିଆଣୀଙ୍କ ବିବାହ, ବ୍ରତ ଏପରିକି ବର୍ଷକର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ସାମଗ୍ରୀ କିଣିବା ପାଇଁ ସୁଦୂର ଝାଡ଼ଖଣ୍ଡର ଓଡ଼ିଆମାନେ ଏତେ ଯେ ଆଗ୍ରହୀ ତାହା ସମ୍ଭବତଃ ଅନେକ ଜାଣନ୍ତି ନାହିଁ । ଆମ ଓଡ଼ିଶାର ବିଭିନ୍ନ ଅଂଚଳର ପ୍ରାୟତଃ ଗୃହିଣୀମାନେ ଯେପରି ବାଲିଯାତ୍ରାକୁ ଅପେକ୍ଷା କରିଥାନ୍ତି ସେମାନଙ୍କର କିଣାକିଣି ସଜ ଜିନିଷ ପାଇଁ ଠିକ ସେହିପରି କଟକ ସହର ଓ ଆଖପାଖରେ ସମ୍ପର୍କ ଯୋଡ଼ିଥିବା ବା ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଅନେକ ଘରଣୀଙ୍କ ଇଛାଥାଏ ବାଲିଯାତ୍ରାରୁ କିଣାକିଣି କରିବା ପାଇଁ । ଏହି କ୍ରମରେ ଦେଖିଲେ ଝାଡ଼ଖଣ୍ଡରୁ ହଜାର ହଜାର ସଂଖ୍ୟକ ପରିବାର ବାଲିଯାତ୍ରାରେ ନିଜକୁ ସାମିଲ କରିଥାନ୍ତି । ଠାକୁର ଦେଖା, କଦଳୀ ବିକା ପରି ଘରଆଡ଼େ ବୁଲା ଆଉ ମେଳା ବୁଲା ସହ ମେଳାରୁ ଖାସ ଜିନିଷ କିଣି ଫେରନ୍ତି ଆମ ପ୍ରବାସୀ ଭାଇମାନେ । କିଏ ଟ୍ରେନରେ, କିଏ ବସରେ, କିଏ ନିଜସ୍ୱ ଗାଡ଼ିରେ ବାଲିଯାତ୍ରାରେ ପହଂଚନ୍ତି ଏବଂ ଅଧିକାଂଶ କଟକ ସହରରେ ରହୁଥିବା ବନ୍ଧୁବାନ୍ଧବ ବା ଚିହ୍ନାପରିଚୟ ଲୋକମାନଙ୍କ ଘରେ କିଛି ଦିନ ରହି ଯାତ୍ରା ଆନନ୍ଦ ଉଠାଇଥାନ୍ତି । ଶୀତର ପହିଲି ପବନ ବହିବା ସହ କଟକର ବାଲିଯାତ୍ରା ପରି ବନ୍ଦର ନଗରୀ ପାରାଦ୍ୱୀପରେ ୧୯୯୨ରୁ ବିଜୁ ବାବୁଙ୍କ ଉଦ୍ୟମରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ ହେଉଛି । ସେହିପରି ଭୁବନେଶ୍ୱରର ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ଆଜକୁ ନଅ ବର୍ଷରେ ପହଂଚିଛି । ସତରେ ବାଲିଯାତ୍ରା ଏପରି ଏକ ମୁକ୍ତାକାଶ ମେଳା ଆଉ ଭାବ ଆଦାନ ପ୍ରଦାନର ସମ୍ପର୍କର କ୍ଷେତ୍ର ଯାହା ଦୁଇଟି ରାଜ୍ୟର ଓଡ଼ିଆ ମାନଙ୍କ ଭିତରେ ଢ଼େର ଖୁସି ଆନନ୍ଦ, ଗମାତ୍, କିଣାବିକାର ଅପୂର୍ବ ସମ୍ଭାର ସୃଷ୍ଟି କରେ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ଆମ ଗ୍ରାମରେ ଜଣେ ଅଗ୍ନି ହୋତ୍ରୀଙ୍କ ଉଦ୍ୟମରୁ ବାର୍ଷିକ ଯଜ୍ଞ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଗ୍ରାମଟିରେ ଅନେକ ସାହି, ଅନେକ ଜାତିପାଟକଙ୍କ ବାସ, ପ୍ରଭୃତି ଏ ଗ୍ରାମରେ ମୋର ପିଲାଦିନେ ଯେପରି ଥିଲା ଏବେ ସେପରି ମୋର ଅଶୀ ବର୍ଷକୁ ଆଉ ସେପରି ଦୃଶ୍ୟ ନୁହେଁ, ମାନି ବୃତି କଥା ଛାଡ଼, ବୁଢ଼ାବୁଢ଼ୀ ବର୍ଷିଆନ ମାନଙ୍କୁ କେହିବି ପୂର୍ବ ପରି ସମ୍ମାନ ଦେଖାଉ ନାହାନ୍ତି, ଦିନେ ଏ ଗ୍ରାମର କଳହ କେବେ ଥାନା କଚେରୀ କୋର୍ଟକୁ ଯାଉନଥିଲା, ସବୁବେଳେ ଆଶୁ ମିମାଂସା ହୋଇ ମିଳାମିଶା ହୋଇଯାଉଥିଲା, ଗ୍ରାମ ମୁରବୀ, ବ୍ରାହ୍ମଣ ପୁରୋହିତ, ଏମାନଙ୍କ ମାନ୍ୟତା ଏପରିଥିଲା ଯାହା ବର୍ତମାନର କଥିତ ଭି.ଆଇ.ପି.ଙ୍କର ବି ନାହିଁ । ଗ୍ରାମରେ ତତ୍କାଳୀନ ଥାନାର ଚୌକିଦାର ଗ୍ରାମର ଜଣେ ହରିଜନ ଜାତିର ଲୋକ ହେଉଥିଲେ, ତାଙ୍କୁ ଲୋକଙ୍କର ଅନେକ ଭୟ ଥିଲା, ଯାହା ଏବେ ଦାରୋଗା ବାବୁଙ୍କୁ ବି ନାହିଁ, ଏହାର କାରଣ ଖୋଜିଲେ ମିଳିବ ଯାହା ଦ୍ୱାରରେ ଚୌକିଦାର ହାଜିର ହୋଇ ବସିବା ଦେଖାଯିବ ସେ ଗ୍ରାମ୍ୟ, ସାହି ଓ ତାଙ୍କ ଜାତି ବାସନ୍ଦ ହେବ, ତାଙ୍କୁ ପୁନଃ ଶୁଦ୍ଧି, ଜାତି ହେବାକୁ ପଡୁଥିଲା, ଏତଦ୍ୱାରା ଯେ କେହି ବାଛନ୍ଦ ଭୟ, ଆତ୍ମ ସମ୍ମାନ ହାନିର ଭୟକୁ ଜଗି ଲୋକେ ଚଳୁଥିଲେ । ବହୁ ପ୍ରକାର ଭାଇଚାରା ଥିଲା, ମାନି ବୃତି ସର୍ବଦା ଥିଲା, କାହାର ଝିଅ ବିବାହମାନେ ସାହିଭାଇ, ପଡ଼ୋଶୀ ଡାକରା ନିଶ୍ଚୟ କରାଯାଉଥିଲା, ଭିନ୍ନ ଜାତିର ହେଲେ ବି ଶୁଭ କାର୍ଯ୍ୟକ୍ରମରେ ସେ ଅଂଶ ଗ୍ରହଣ ପାଇଁ ଅର୍ଚ୍ଚନା କରାଯାଉଥିଲା ।

ଏହା ଏକ୍ଷଣୀ ଦୁର୍ଲଭ । ଧର୍ମଜ୍ଞାନ ତତ୍କାଳୀନ ଜନଜୀବନରେ ଯଥେଷ୍ଟ ଅନୁଭବ ହେଉଥିଲା, ନବଜାତ ଶିଶୁ ପାଇଁ କଲ୍ୟାଣକର ନାମକାରଣ, ଏକୋଇଶା ଅନୁଷ୍ଠାନରେ ସାହି ପଡ଼ୋଶୀର ସମୃଦ୍ଧ, ବୈଠକୀ ସତ୍ୟନାରାୟଣ ପୂଜାରେ ଭୋଗ ସହଯୋଗ ରହୁଥିଲା । ପୂଜାରେ ପୁରୋହିତଙ୍କ ଗାୟନ ବିଷୟ, ଯହିଁରେ ଅନେକ ଧାର୍ମିକ ସାମାଜିକ, ଆଚାର ବ୍ୟବହାର, ସାହିତ୍ୟିକ, କଳାର ବିଷୟ ଥାଏ, ତାହା ଶୁଣିବାକୁ ଆଗ୍ରହ, ପିଲାକୁ ଆଶୀର୍ବାଦ ପ୍ରସାଦ ପାଇବା ରହୁଥିଲା । ଏକ ହରିବୋଲରେ ଧ୍ୱନି ରହୁଥିଲା 'ପ୍ରଭୁଙ୍କ ବାନାଟେକ ରହୁ' ଉଦଘୋଷ, ଯାହା ସେପରି ଆଉ କାହାରି ପିଲା ଜନ୍ମ ହେଉ ଓ ଏପରି ପୂଜା ହେଉ । ବ୍ରାହ୍ମଣମାନେ ଅଗ୍ନିହୋତ୍ରୀ ପୌରହିତ କାର୍ଯ୍ୟ ଦେବପୂଜା, ନାନାଦି ଶୁଦ୍ଧ ସଂଶୋଧନ ସଂସ୍କାର ତାଙ୍କର କାର୍ଯ୍ୟ ଆମ ଗ୍ରାମରେ ଏମିତି ଏମିତି ବ୍ରାହ୍ମଣ ଶାସନ ଅଛି । ଆଉ ଦୁଇଘର ବ୍ରାହ୍ମଣ ଗ୍ରାମର ଦିଅଁଙ୍କ ଖାସ ପୂଜା ପାଇଁ ପୂଜାହାରୀ ରୂପେ ଗ୍ରାମରେ ଦିଅଁ ସ୍ଥାପକ ମାନେ ଥଇଥାନ କରାଇଥିଲେ, ଦେବସ୍ଥାନ ଯଜ୍ଞଶାଳା ବ୍ରାହ୍ମଣ ଆବାସରେ ଅନେକ ସ୍ଥଳରେ ଥାଏ, ଆମ ଗ୍ରାମରେ, ଅଛି ପୁରୋହିତପୁରରେ ଏକ ଶୈବପୀଠ ସନ୍ନିକଟ ଶକ୍ତିଯଜ୍ଞ ମୋପିଲା କାଳରୁ ଚାଲି ଆସୁଛି, ବଂଶାନୁକ୍ରମିକ ଧାରାରେ କର୍ତା ହୋତା, ଆଚାର୍ଯ୍ୟ ବଦଳୁଛନ୍ତି । ଆମ ସାହି ପାଖରେ ଯେଉଁ ନାରାୟଣ ପୀଠ ଅଛି, ସେଠାରେ ଯେଉଁ ବ୍ରାହ୍ମଣଘରର ସେ ପରିବାର ଲୋକେ ଗ୍ରାମର ମହିମାବନ୍ତ ନୃସିଂହନାଥଙ୍କ ସେବାରେ ଥିଲେ ସେଥିରୁ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତାଙ୍କର ପୁରାଣ ଶାସ୍ତ୍ରରେ ଅନେକ ଦଖଲ, ଅନେକ ଜ୍ଞାନୀ ସଙ୍ଗତ, ତାଙ୍କ ଶୁଭ ନାମ, ଶ୍ରୀବନ ବିହାରୀ ପଣ୍ଡା, ଡକନାମ ଧ୍ରୁବ ନନା, ସେ କଠିନ ନିଷ୍ଠାପର ସାତ୍ୱିକ ଜୀବନଯାପନ କରୁଥିଲେ, ତାଙ୍କୁ ଏକ ପ୍ରକାର ଶାସ୍ତ୍ରଜ୍ଞପଣ୍ଡିତ ମାନଙ୍କ ପ୍ରେରଣା ମିଳିଲା ସେ ଏକ ଯଜ୍ଞ କରିବା ଦରକାର । ସେତେବେଳେ କୀର୍ତନପୁରରେ ଜଣେ ପ୍ରଖ୍ୟାତ ପଣ୍ଡିତ ଯେ ଶାସ୍ତ୍ରୀୟ ବିଧିରେ ବ୍ୟବସ୍ଥା ମାନ ଦେଉଥିଲେ, ତାଙ୍କ ପରାମର୍ଶରେ, ଯଜ୍ଞର ମହିମାବନ୍ତନାମକରଣ ହେଲା । ବିଶ୍ୱପୋଦ୍ରବ ବିଦ୍ରାପକ ଲକ୍ଷ୍ମୀ-ନୃସିଂହ, ମହାଯଜ୍ଞ ଏଥିରେ ବହୁ ବ୍ୟକ୍ତି ବିଶେଷଙ୍କୁ ସାମିଲ ସେ କଲେ, ପ୍ରଥମ ବର୍ଷ ଯଜ୍ଞରେ ନାମକରା ପଣ୍ଡିତ । ଯେ ଓଡ଼ିଶା ଓଡ଼ିଶା ବାହାର ରାଜ୍ୟରେ ଯଜ୍ଞକାର୍ଯ୍ୟରେ ହଇଚର ସୃଷ୍ଟି କରିଥିଲେ । ତତ୍କାଳୀନ ରାଜ୍ୟର ସବୁ ଡ଼ ବଡ଼ିଆମାନେ ତାଙ୍କୁ ମୁକାମ ବଡ଼ ଲହଙ୍ଗାକୁ ଧାଉଡି କରୁଥିଲେ ।

ତାଙ୍କୁ ମନାଇ ପ୍ରଧାନ ଆଚାର୍ଯ୍ୟ ରୂପେ ଯଜ୍ଞକୁ ଆଣି କାର୍ଯ୍ୟଟି ମହାସମାରୋହରେ କରାଇଥିଲେ । ତତ୍ ପରବର୍ଷ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଥିଲା ଏ ପଣ୍ଡା ପରିବାରରେ ବହୁ ବର୍ଷ ପୂର୍ବେ ଜଣେ ଉପନୟନ କାଳରୁ ସନ୍ନ୍ୟାସ ନେଇ ଚାଲିଯାଇଥିଲେ । ସେ ଉତର ପ୍ରଦେଶରେ ଫତେପୁର ସିକ୍ରିର ମହାବୀର ବନରେ ଜଣେ ଗୁରୁଙ୍କ ତତ୍ୱାବଧାନରେ ରହି ସାଧନା କରିବାରେ ଗୁରୁଙ୍କ ଅପ୍ରକଟ ପରେ ଆଶ୍ରମର ପୂର୍ଣ୍ଣ ଦାୟିତ୍ୱ ସମ୍ଭାଳୁଥିଲେ ସେ ତାଙ୍କ ମାତୃଭୂମି ଯେଉଁଠାରୁ ସେ ମାଆଙ୍କ ଠାରୁ ଭିକ୍ଷା ନେଇକି ଯାଇଥିଲେ ସେହି ସ୍ଥାନକୁ ବହୁବର୍ଷ ପରେ ଆସିଥିଲେ, ସେ ବର୍ଷର ଯଜ୍ଞ ଅନୁଷ୍ଠାନର ଲୋକ ଗହଳି ଆଚମ୍ବିତ ଥିଲା । କାଳକ୍ରମେ ବର୍ଷକୁ ବର୍ଷ ଆର୍ଥିକ ସମସ୍ୟା ଆଚାର୍ଯ୍ୟ ମସ୍ୟା ଇନ୍ଧବ ଘୃତ, କାଠ ଆଦି ଦୁର୍ଲଭ ହୋଇଚାଲିଲା । ଧ୍ରୁବ ନନାଙ୍କ ଚାକିରୀ ଶେଷ ହୋଇଗଲା । ତାଙ୍କର ବହୁ ଅଭାବ ସତ୍ୱେବି ସେ ଫଳେ ପୁଷ୍ପେ କାର୍ଯ୍ୟ ସମ୍ପାଦନ କରୁଥିଲେ । ତାଙ୍କର ଦେହାନ୍ତ ହୋଇଗଲା । ପୁଅଟିଏ ଥିଲା ସେ ବହୁ ପୂର୍ବରୁ ଚାଲିଯାଇଥିଲା, ଉତରାଧିକାରୀ ହୋଇ କେହି ବି ପରମ୍ପରାକୁ ରଖି ପାରିଲେନାହିଁ । ଜ୍ୟେଷ୍ଠ ମାସ ପୂର୍ଣ୍ଣିମାର ପାବନ ଯଜ୍ଞଟିର ପରିସମାପ୍ତି ହୋଇଯାଉଛି । ସେଇ ସାଉଁଟା ସ୍ମୃତି ଏବେ ବି ମୋ ମନରେ ତରଙ୍ଗାଇତ ହେଉଛି ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସୁଦାନରେ ଗଣହତ୍ୟା : ଗଣମାଧ୍ୟମ ନୀରବ !



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ରୁଷ-ୟୁକ୍ରେନ ଯୁଦ୍ଧକୁ ଇତିମଧ୍ୟରେ ୩ବର୍ଷ ପୁରିଯାଇଥିବା ଏହା କେବଳ ଆନ୍ତର୍ଜାତିକ ଗଣମାଧ୍ୟମ ନୁହେଁ, ସମଗ୍ର ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି । କିନ୍ତୁ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ରକ୍ତାକ୍ତ ସଂଘର୍ଷ ତଥା ଦୁଇ ସଶସ୍ତ୍ର ବାହିନୀ ସୁଦାନରେ ଆର୍ମଡ ଫୋର୍ସ ଏବଂ ରାପିଡ୍ ସପୋର୍ଟ ଫୋର୍ସ(ଆରଏସଏଫ) ମଧ୍ୟରେ ଗୃହଯୁଦ୍ଧ ମଧ୍ୟ ୩ବର୍ଷ ପୂରଣ କରିଥିବାବେଳେ ଆନ୍ତର୍ଜାତିକ ଗଣମାଧ୍ୟମ କିମ୍ବା ବିଶ୍ୱ ସମୁଦାୟର ସେତିକି ଦୃଷ୍ଟି ଆକର୍ଷଣ କରିପାରିନାହିଁ । ଅଥଚ ଦୁଇ ମିଲିଟାରୀ ଜେନେରାଲ ତଥା ସୁଦାନ ଆମର୍ଡ ଫୋର୍ସ ଏସଏଫର ଜେନେରାଲ ଅବଦୁଲ ଫାତାହ ଅଲ-ବୁରାନ ଏବଂ ଆରଏସଏଫର ଜେନେରାଲ ମହମ୍ମଦ ହମଦାନ ଦାଖାଲେଙ୍କ ମଧ୍ୟରେ କ୍ଷମତା ଲଢେଇରେ ଗତ ୩ବର୍ଷ ମଧ୍ୟରେ ୧ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ମିଲିଅନ ସୁଦାନବାସୀ ସ୍ଥାନାନ୍ତର ହୋଇ ଅନ୍ୟ ରାଷ୍ଟ୍ରରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି । ଯାହାକି ରୁଷ-ୟୁକ୍ରେନ ଯୁଦ୍ଧରେ ମୃତାହତଙ୍କ ଠାରୁ ଢେର ଅଧିକ ବୋଲି କୁହାଯାଇଛି । ଗାଜା-ଇସ୍ରାଏଲ, ରୁଷ-ୟୁକ୍ରେନର ଯୁଦ୍ଧ ପ୍ରତିଦିନ ବିଶ୍ୱ ଗଣମାଧ୍ୟମର ଶିରୋନାମା ପାଲଟିଥିବାବେଳେ ସୁଦାନରେ ଲାଗିଥିବା ଭୟଙ୍କର ଗୃହଯୁଦ୍ଧ ବିଶ୍ୱ ଗଣମାଧ୍ୟମ କିମ୍ବା ବିଶ୍ୱ ସମୁଦାୟରେ ସେତିକି ଗୁରୁତ୍ୱ ପାଇନାହିଁ । ଏହାର କାରଣ ହୁଏତ ସୁଦାନରେ ପେଟ୍ରୋଲ କିମ୍ବା ସୁନା କିମ୍ବା ଖଣିଜ ପଦାର୍ଥ ନାହିଁ । କେବଳ ରହିଛି ଗରିବୀ ଏବଂ ଦୁର୍ଭିକ୍ଷ । ଦୁର୍ଭିକ୍ଷ ପାଇଁ ସୁଦାନର ନାମ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଦୁର୍ଭିକ୍ଷ ଯୋଗୁଁ ସୁଦାନରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ଦୁଇ ଦଶନ୍ଧି ତଳେ ଆନ୍ତର୍ଜାତିକ ସ୍ତରରେ ଚାଂଚଲ୍ୟ ସୃଷ୍ଟି କରିଥିଲା । କ୍ଷମତା ପାଇଁ ଦୁଇ ପାରା ମିଲିଟାରୀ ବାହିନୀ ମଧ୍ୟରେ ଗୃହ ଯୁଦ୍ଧ ଏବେ ଗଣହତ୍ୟା, ବଳାତ୍କାର ଏବଂ ଲୁଣ୍ଠନରେ ପରିଣତ ହୋଇଛି । ସୁଦାନରେ ହିଂସାକାଣ୍ଡ ଏପରି ରୂପ ନେଇଛି ଏହା ଏବେ ଅଜଣା କିମ୍ବା ଅପରିଚିତ ହୋଇରହିନାହିଁ । କିନ୍ତୁ ବିଶ୍ୱ ସମୁଦାୟର ନୀରବତା ହିଁ ବିସ୍ମୟକାରକ ହୋଇଛି ବୋଲି କୁହାଯାଇପାରେ । ଗତ ଅକ୍ଟୋବର ମାସରେ ଆରଏସଏଫ ଦାରଫୁର ରେଜିଅନକୁ ଦଖଲ କରିବା ପରେ ଇଲ-ଫାସାରରେ ଗଣହତ୍ୟା, ଲୁଣ୍ଠନ, ବଳାତ୍କାର ଜାରି ରଖିଛି । ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି । ଆରବର ମିଲିସିଆ ଆରଏସଏଫର ସୁଦାନର ଆଫ୍ରିକୀୟ ସମ୍ପ୍ରଦାୟ ବିରୁଦ୍ଧରେ ବର୍ବରତା କାର୍ଯ୍ୟକଳାପ ନେଇ ବେଶ ଜଣାଶୁଣା । ଆଫ୍ରିକୀୟ ସମ୍ପ୍ରଦାୟ ବିରୁଦ୍ଧରେ ନିର୍ଯ୍ୟାତନା ଗଣହତ୍ୟା, ଏପରିକି ମାତୃଶିଶୁ ହସପିଟାଲରେ ଏହାର ବର୍ବରତା ସମସ୍ତ ସୀମା ସରହଦ ଅତିକ୍ରମ କରିଛି । ଆରଏସଏଫ ଏବେ ଦାରଫୁର କ୍ୟାପିଟାଲର ୫ଟି ଅଂଚଳ ଦଖଲ କରିନେଇଥିବାବେଳେ ସେଠାରେ ହତ୍ୟା, ଲୁଣ୍ଠନ, ବଳାତ୍କାର ଜାରି ରଖିଛି । ଗତ ୧୮ ମାସ ପୂର୍ବରୁ ଏହି ଅଂଚଳରେ ଆରଏସଏଫର ଅବରୋଧ ଯୋଗୁଁ ଅନାହାର ତଥା ଦୁର୍ଭିକ୍ଷରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲାବେଳେ ମ୍ଲକ୍ଷ ଲୋକ ଅନ୍ୟତ୍ର ପଳାୟନ କରିଛନ୍ତି । ଜାତିସଂଘ ବିଶେଷଜ୍ଞଙ୍କ ମତରେ ସୁଦାନ ଏବେ ବିଶ୍ୱର ସବୁଠାରୁ ନିକୃଷ୍ଟ ମାନବିକ ସଂକଟର ସମ୍ମୁଖୀନ ହୋଇଛି । ଉଭୟ ପାରାମିଲିଟାରୀର ନିରିହଙ୍କ ଉପରେ ବର୍ବରତା ସମସ୍ତ ସୀମା ଟପି ସାରିଲେଣି ବୋଲି ଜାତିସଂଘ କହିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ ସ୍ୱେଚ୍ଛାଚାରୀ ଶାସକ ଓମାର-ଅଲବାସୀରଙ୍କ ଶାସନର ପତନ ସୁଦାନରେ ନୂତନ ଆଶା, ଉତ୍ସାହ ନେଇ ନୂଆ ସକାଳ ଆସିବା ନେଇ ଆଶା କରାଯାଇଥିଲା । କିନ୍ତୁ ବସିରଙ୍କ ପରେ କ୍ଷମତାସୀନ ଗଣତାନ୍ତ୍ରୀକ ସରକାରକୁ ଉଭୟ ଏସଏଫ ଓ ଆରଏସଏଫ ମିଳିତ ଭାବେ ବିଦ୍ରୋହ କରି ୨୦୨୧ରେ ଗାଦିଚ୍ୟୁତ କରିଦେଇଥିଲେ । କିନ୍ତୁ ବସିର ଆରଏସଏଫକୁ ନିଜର ବ୍ୟକ୍ତିଗତ ସେନା ଭାବେ ବ୍ୟବହାର କରିବା ସହ ଗଣତାନ୍ତ୍ରୀକ ଶକ୍ତିକୁ ନିସ୍ତେଜ କରିଦେଇଥିଲେ । ପରବର୍ତୀ ସମୟରେ ୨୦୨୩ଠାରୁ କ୍ଷମତା ପାଇଁ ଉଭୟ ଏସଏଏଫ ଓ ଆରଏସଏଫ ମଧ୍ୟରେ ଘମାଘୋଟ ସଂଘର୍ଷ ଲାଗି ରହିଛି । ଯାହାର ପରିଣତି ସ୍ୱରୂପ ଦେଢଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ଏବେ ଗଣହତ୍ୟା, ଲୁଟ, ବଳାତ୍କାରରେ ଜନସାଧାରଣ ଆତଙ୍କିତ । ସାଉଦି ଆରବରେ ସୃଷ୍ଟି ଆରଏସଏଫକୁ ସେଠାକାର ସରକାର ଆର୍ଥିକ ସହାୟତା ଠାରୁ ଆରମ୍ଭ କରି, ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିବାବେଳେ ଏସଏଏଫକୁ ରୁଷ, ଇରାନ, ତୁର୍କି, ମିଶର ଭଳି ରାଷ୍ଟ୍ର ସହାୟତା ଦେଇ ସୁଦାନରେ ନର ସଂହାର, ଗୃହଯୁଦ୍ଧ ତଥା ବର୍ବର ହିଂସାକାଣ୍ଡ ନେଇ ଜାତିସଂଘର ନୀରବତା ଉଭୟ ମିଲିଟାରୀ ଗୋଷ୍ଠୀକୁ ଉତ୍ସାହିତ କରୁଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ନିରିହ ଲୋକଙ୍କ ସୁରକ୍ଷା ପାଇଁ ବିଶ୍ୱ ସମୁଦାୟ ଦୁଇ ମିଲିଟାରୀ ଗୋଷ୍ଠୀର ଲଢେଇର ଅନ୍ତ ଘଟାଇବା ଜରୁରୀ । ସେହିପରି ଉଭୟ ଗୋଷ୍ଠୀ ଅସ୍ତ୍ରଶସ୍ତ୍ର ସହାୟତା ଦେବା ପରିବର୍ତେ ସେମାନଙ୍କୁ ଆଲୋଚନା ବୈଠକକୁ ଆଣିବା ପାଇଁ ରାଷ୍ଟ୍ରଗୁଡ଼ିକ ଉଦ୍ୟମ କରିବା ଆବଶ୍ୟକତା । ଅନ୍ୟଥା ସୁଦାନ ଜନଶୂନ୍ୟ ହେବା ସାର ହେବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ -୭୯୭୮୬୬୬୪୦୩

# ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ -ଏକ ନିଆରା ବ୍ୟକ୍ତିତ୍ୱ



**ଅକ୍ଷୟ ପଣ୍ଡା**

ମଣିଷ ଗଢା କାରଖାନାର ସେ ଶ୍ରେଷ୍ଠ ବିନ୍ଧାଣି । ଯିଏ ଅନ୍ଧାରକୁ ଅଭିଶାପ ନଦେଇ ଜାଳି ଦେଇଛନ୍ତି ଜ୍ଞାନର ଆଲୋକ । ଶିଖିଛନ୍ତି ଓ ଶିଖାଇଛନ୍ତି । ପଢ଼ିଛନ୍ତି ଓ ପଢାଇଛନ୍ତି ମଣିଷ ପଣିଆର ଗୁଣ । ଅନୁନ୍ନତ ଅ ଳକୁ ଉନ୍ନତ କରି ଗଢି ତୋଳିଛନ୍ତି ସରସ ସୁନ୍ଦର ରୂପ ଦେଇ । ନିଃସହାୟ ମଣିଷର ସାଥୀ ଅସହାୟର ବନ୍ଧୁ ହୋଇ ଠିଆ ହୋଇଛନ୍ତି । ବିପଦ ଆପଦ ବେଳେ । କଲମକୁ କରିଛନ୍ତି ନିଜ ଜୀବନର ଚିରସାଥୀ । ସମ୍ବାଦ ପତ୍ରର ପୃଷ୍ଠା ଉପରେ ଲେଖି ଚାଲିଛନ୍ତି ଅବହେଳିତ ନିଷ୍ପେସିତ ମଣିଷର କଥା । ଅର୍ଥନୈତିକ ସାମାଜିକ ପରିବର୍ତନ ସହିତ ଅସଜଡ଼ା ମଣିଷକୁ ସତ ପଥରେ ଚଲିବାକୁ ଦେଇଛନ୍ତି ପ୍ରେରଣା । ନିୟମିତ ନିରବଚ୍ଛିନ୍ନ ଭାବରେ ସମ୍ବାଦ ପତ୍ରରେ ଲେଖି ଚାଲିଛନ୍ତି । ସ୍ତମ୍ଭ । ସେହି ନିରହଂକାରୀ, ନିଷ୍ଠାପର,ତ୍ୟାଗୀ ମଣିଷ ମା' ସାରଳାଙ୍କର ବରପୁତ୍ର ଆଉ କେହି ନୁହେଁ । ସେ ଆମ୍ଭ ମାନଙ୍କର ପ୍ରିୟ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ । ପ୍ରକୃତରେ କଥାକୁହା ମାଟିର ନିଆରା ମଣିଷ ସେ । ୧୩ ନଭେମ୍ବର ୧୯୬୦ ମସିହାରେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଗରେଇ ପ ାୟତର ଲଥାଙ୍ଗ ଗ୍ରାମରେ ତାଙ୍କ ଜନ୍ମ । ପଣ୍ଡିତ ୰ ସୁଦର୍ଶନ ଆଚାର୍ଯ୍ୟ ଥିଲେ ତାଙ୍କ ପିତା । ଆଉ ୰ ରତ୍ନମାଳୀ ଦେବୀ ଥିଲେ ତାଙ୍କ ମାତା । ପିଲା ଦିନୁ ପିତାମାତାଙ୍କର ତତ୍ତ୍ୱାବଧାନରେ ଗଢି ଉଠିଛି ତାଙ୍କ ବିଦ୍ୟାର୍ଥୀ ଜୀବନ । ତାଙ୍କ ପିତା ଜଣେ ଉଦାରମନା, ଉଚ୍ଚ କୋଟିର ଜ୍ଞାନୀ ବ୍ୟକ୍ତି ଥିଲେ । ତାଙ୍କ ମନ ଭିତରେ ଉଚ୍ଚ ନୀଚ ଜାତିର ଭେଦଭାବ ନଥିଲା । ହିମାଂଶୁ ବାବୁ ପରିବାରରୁ ସମସ୍ତଙ୍କୁ ଭଲ ପାଇବାର ଗୁଣ ଶିଖିଛନ୍ତି । ବିଶେଷକରି ପରିବାରର ଜ୍ଞାନ ମନ୍ଦିରରୁ ବଡଭାଇ ସୁଧାଂଶୁ ଆଚାର୍ଯ୍ୟ, ବଡଭାଉଜ ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ବଡଭଉଣୀ ସୁକାନ୍ତି ଆଚାର୍ଯ୍ୟ ଓ ବଡ ଭିଣୋଇ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କର ପ୍ରେରଣା ତାଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇଛି । ଗ୍ରାମ୍ୟ ସ୍କୁଲରୁ ବାଲ୍ୟ କାଳର ଶିକ୍ଷା ସମାପ୍ତି କରି ଦାର୍ଦିଆ ପୋତାନଇ ହାଇସ୍କୁଲରୁ ମାଟ୍ରିକ୍ ପାସ କରିଛନ୍ତି । ତା ପରେ ପୁରୀ ସାମନ୍ତ ଚନ୍ଦ୍ର ଶେଖର କଲେଜ ଆଇ.ଏ ଓ ପରେ କେନ୍ଦ୍ରାପଡ଼ା କଲେଜରୁ ୧୯୮୦ ମସିହାରେ ବି.ଏ ପାସ କରିବାପରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ଅର୍ଥ ଶାସ୍ତ୍ରରେ ଏମ୍.ଏ ରେ ପ୍ରଥମଶ୍ରେଣୀରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିଲେ । ଛାତ୍ର ଜୀବନରେ ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଉଥିଲେ । ତାଙ୍କ ଶବ୍ଦର ଯାଦୁଗରୀ, ଭାଷାର ମଧୁରତା ଓ ଉପସ୍ଥାପନା ଶୈଳୀ ସମସ୍ତଙ୍କୁ ବିମୁଗ୍ଧ କରେ । ସେ ଏଭଳି ଭାଷାରେ ବିଚକ୍ଷଣ ଥିଲେ ଯେ, ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ତାଙ୍କ ସହପାଠୀ ମାନେ ଭାବୁ ଥିଲେ ସେ ବୋଧ ହୁଏ ଏ ବାରାଣାସୀର ବାସିନ୍ଦା । ବିଦ୍ୟାର୍ଜନ ପରେ ଆରମ୍ଭ ହୋଇଥିଲା ତାଙ୍କ କର୍ମମୟ ଜୀବନ । ସେ ୧୯୮୪ ମସିହାରେ ପୁରୀ ଜିଲ୍ଲାର ନିମାପଡ଼ା ଅନ୍ତର୍ଗତ ଗୋପ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ରର ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ପରେ ୧୯୮୫ ରୁ ରୁ ୨୦୦୯ ପର୍ଯ୍ୟନ୍ତ ସେ ଅର୍ଥଶାସ୍ତ୍ର ଅଧ୍ୟାପକ ରୂପେ ସାରଳା ମହାବିଦ୍ୟାଳୟରେ ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ । ୨୦୧୦ ରୁ ୨୦୧୭ ପର୍ଯ୍ୟନ୍ତ ବାଲିକୁଦା ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ । ୨୦୧୭ ରୁ ୨୦୨୦ ପର୍ଯ୍ୟନ୍ତ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ କାର୍ଯ୍ୟ କରି ସେହି ବର୍ଷ ନଭେମ୍ବର ମାସ ୩୦ ତରିଖରେ ସେ ଅଧ୍ୟାପନାରୁ ଅବସର ନେଇଛନ୍ତି । ହିମାଂଶୁ ବାବୁଙ୍କ ମହତ କାର୍ଯ୍ୟ ଗୁଡ଼ିକ ଜନସାଧାରଣ ହୃଦୟ କାନ୍ଥରେ ଅଲିଭା କାଳିରେ ଛାପି ହୋଇ ଯାଇଛି । ଯାହା କେବେ ଭୁଲିବାର ନୁହେଁ । ତାଙ୍କ ପ୍ରତିଭାକୁ ସ୍ୱୀକୃତି ସମ୍ମାନ ଜଣାଇ ତ୍ରିଶାଖା ଗୁରୁକୁଳ ତାଙ୍କୁ "ମାଟିର ଗୌରବ" ପାଟକୁରା ସାରସ୍ୱତ ଅନୁଷ୍ଠାନ ତରଫରୁ ବାଗ୍ମୀରତ୍ନ, ବାଲିକୁଦାର ଜାଗ୍ରତ ଗୌରୀ ଅନୁଷ୍ଠାନ ପକ୍ଷରୁ ବାଗ୍ମୀ ଭୂଷଣ ଓ ରାହାମାର ମାଟିଘର ପକ୍ଷରୁ ମାଟିଘର ସମ୍ମାନ ଏବଂ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ତରଫରୁ ଭାଷଣ ଭୁଷଣ ସମ୍ମାନ ଓ ସର୍ବୋପରି ତରଡାପଡା ଆଇ.ଟି.ଆଇ. ପକ୍ଷରୁ "ଜଗତସିଂହପୁର ଶ୍ରୀ" ସମ୍ମାନରେ ସମ୍ମାନିତ କରାଯାଇଅଛି । ଓଡ଼ିଶା ଦୈନିକ ସମ୍ବାଦ ପତ୍ର ପ୍ରଜାତନ୍ତ୍ର ର ଫିଚର ସମ୍ମାନରେ ତାଙ୍କୁ ସମ୍ମାନିତ କରାଯଇଛି । ଏହା ଛଡ଼ା ଦୈନିକ 'ସାହାଣମେଳା' ତରଫରୁ ସେ ମଧ୍ୟ ସ୍ତମ୍ଭକାର ରୂପେ ସମ୍ମାନିତ ହୋଇଛନ୍ତି । ଜଣେ ଆଗଧାଡିର ଶିକ୍ଷକ ନେତା ଭାବେ ସେ ଜଗସିଂହପୁର ଜିଲ୍ଲାର ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ରାଜ୍ୟ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକର ଗୁରୁ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

୨୦୦୯ ରେ ପୂଜ୍ୟପୂଜାର ପରମ୍ପରା ଉଦ୍‌ଜିପିତ କରିବା ପାଇଁ ଜଗସଂହପୁର ସାରସ୍ୱତ ପରିସଦ ଗଠନ କରିଥିଲେ । ଆଦ୍ୟ ଅବଧି ସେ ତାହାର ପ୍ରତିଷ୍ଠାତା ସମ୍ପାଦକ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଏହା ମାଧ୍ୟମରେ ଜନସଚେତନତା, ସାହିତ୍ୟର ପ୍ରସାର ପ୍ରଚାର ଓ ନୂତନ ପ୍ରତିଭାମାନ ସୃଷ୍ଟି କରାଯାଉଛି । ଗରିବ ଅସହାୟ ଲୋକମାନଙ୍କୁ ସମୟ ଅସମୟରେ ସାହାଯ୍ୟର ହାତ ବଢେଇ ଦେଇ ଦୁଃଖ କଷ୍ଟକୁ ଲାଘବ କରୁଛନ୍ତି । ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏତଦ୍‌ବ୍ୟତିତ ଜଣେ ଦକ୍ଷ ସଂଗଠକ ଭାବେ ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟରେ ସେ ସୁପରିଚିତ । ନିଖିଳ ଉତ୍କଳ ବେଶରକାରୀ କଲେଜ ଶିକ୍ଷକ ସଂଘ ଜଗତସିଂହପୁର ଶାଖାର ଜିଲ୍ଲା ସମ୍ପାଦକ, ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଓ ସମ୍ପାଦକ ଭାବେ ବିଗତ ଦିନରେ ଗୁରୁ ଦାୟିତ୍ୱ ତୁଲାଇଥିବା ବେଳେ ଏବେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ ଦାୟିତ୍ୱ ତୁଲାଉଛନ୍ତି । ସେହିପରି ଜଣେ ଅଗ୍ନିବର୍ଷୀ ବକ୍ତାଭାବେ ତାଙ୍କର ସୁନାମ ରହିଛି । ତାଙ୍କର ଶବ୍ଦ ସଂଯୋଜନା ଓ ଉପସ୍ଥାପନା ଶୈଳୀ ଅନନ୍ୟ ଓ ଅସାଧାରଣ ମୋଟାମୋଟି ଭାବେ କହିଲେ ଜଣେ ସୁବକ୍ତା ଓ ସୁ ଲେଖକ ଭାବେ ସେ ସର୍ବତ୍ର ପରିଚିତ । ୨୦୦୯ ରେ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବାପାଇଁ ସେ ଜଗତସିଂହପରୁ ସାରସ୍ୱତ ପରିଷଦ ଗଠନ କରିଛନ୍ତି । ଅଦ୍ୟାବଧି ସେ ତାହାର ପ୍ରତିଷ୍ଠାତା ସଭାପତି ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି । ପୂଜ୍ୟପୂଜାର ଏକ ନିଆର ଉଦାହରଣ ସୃଷ୍ଟି କରିଛନ୍ତି ସେ । ଏହା ମାଧମରେ ଜନସଚେତନତା, ସାହିତ୍ୟର ପ୍ରସାର ପ୍ରଚାର ଓ ନୂତନ ପ୍ରତିଭାମାନ ସୃଷ୍ଟି କରାଯାଉଛି । ବିଶେଷ କରି ବରପୁତ୍ରମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ କରାଯିବା ସହ ଉ ର ପିଢିଙ୍କ ପାଇଁ ଏକ ନୂତନ ସନ୍ଦେଶ ପ୍ରଦାନ କରିଛନ୍ତି । ଖରା, ବର୍ଷା,ଶୀତକୁ ଖାତିର ନକରି ସେ ନିରନ୍ତର ଏହି କାର୍ଯ୍ୟ କରି ଆସୁଛନ୍ତି । ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ବରପୁତ୍ରମାନଙ୍କର ଜୀବନୀ ସ୍ତମ୍ଭ ଲେଖିବାରେ ସେ ମାହିର । ଏଥି ସହିତ ଶତାଧିକ ବିବିଧ ସ୍ତମ୍ଭ ଯଥା ଅପସଂସ୍କୃତି ପଶାପାଲିରେ ସଂସ୍କୃତି, ଶ୍ରମ ଶିକୁଳିରେ ବନ୍ଧା ଶୈଶବ, ମାନପତ୍ରର ମାନହ୍ରାସ, ଗରିବୀର ପରିଭାଷା ଓ ଛଅ ଋତୁ ଆଜି ସାତସପନ, ଦୁର୍ନୀତି ଓ ଅର୍ଥନୈତିକ ବୈଷମ୍ୟ, ମାନପତ୍ର ବୋପାର ଭଲଜମୁଛି, ସାରଳା ଦାସଙ୍କ ଜନ୍ମତିଥିକୁ ନେଇ ବିବାଦର ଶେଷ କେଉଁଠି, ଅପୂଜ୍ୟା ଯତ୍ରପୂଜ୍ୟନ୍ତେ, ଶତସଂଗ୍ରାମର ଅନନ୍ୟ ଯୋଦ୍ଧା ଅବନୀ ବରାଳ ଇତ୍ୟାଦି ଅଶେଷ ପାଠକୀୟ ସ୍ୱୀକୃତି ଲାଭ କରିଅଛି । ସେଥିପାଇଁ ୨୦୨୧ ରେ ତାଙ୍କୁ ଶ୍ୱେତ ସଙ୍କେତ ସ୍ତମ୍ଭକାର ପୁରସ୍କାରରେ ପୁରସ୍କୃତ ହୋଇ ତାଙ୍କ ଜ୍ଞାନ ଗାରିମାର ଉପଯୁକ୍ତ ସମ୍ମାନ ପାଇଛନ୍ତି । କୁହାଯାଏ, ଫୁଲର ବାସ୍ନା ଥିଲେ ସେ ମହକିବ । ଏହିକଥାକୁ ଯଥାର୍ଥରେ ପ୍ରମାଣ କରିଛନ୍ତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ । ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ ଓ ସାଂସ୍କୃତିକ ସଂଗଠକ, ସ୍ତମ୍ଭକାର, ବାଗ୍ମୀ ଏବଂ ସୁସାହିତ୍ୟିକ ରୂପେ ସାରା ଓଡ଼ିଶାରେ ଲୋକମାନଙ୍କ ନିକଟରେ ଅତି ପ୍ରିୟ ବ୍ୟକ୍ତି ହେଉଛନ୍ତି ହିମାଂଶୁ ବାବୁ । ଆଜି ତାଙ୍କର ୬୬ତମ ଜନ୍ମ ଦିବସ ପାଳନର ଅବସରରେ ତାଙ୍କ ସୁଦୀର୍ଘ ଓ ନିରାମୟ ଜୀବନର ଶୁଭ କାମନା କରୁଛି । ଭଗବାନଙ୍କୁ ପ୍ରାର୍ଥନା କରୁଛି ତାଙ୍କର ଲେଖନୀ ସଦା ସର୍ବଦା ଚଳଚ ଳ ରହୁ ।

ଆଳି,କେନ୍ଦ୍ରାପଡା
ମୋ-୯୩୩୭୪୯୨୩୦୭

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday November 13 ଭୁବନେଶ୍ୱର ଗୁରୁବାର, ୧୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିଟ୍ ଡେଂଟାଲ କଲେଜକୁ ଚରକ ଜାତୀୟ ପୁରସ୍କାର




ଭୁବନେଶ୍ୱର,(ପି.ଏନ): କ୍ଲିନିକାଲ୍ ଉତ୍କର୍ଷତା ନିମନ୍ତେ ଇଣ୍ଡିଆନ୍ ଡେଂଟାଲ୍ ଆସୋସିଏସନ (ଆଇଡ଼ିଏ) ପକ୍ଷରୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନସେସ୍(କିଡ଼ସ୍)କୁ ଜାତୀୟ ଚରକ ପୁରସ୍କାର ପ୍ରଦାନ କରାଯାଇଛି । ଆଇଡ଼ିଏ ପକ୍ଷରୁ ଗତ ୮ତାରିଖ ମୁମ୍ବାଇରେ ଅନୁଷ୍ଠିତ ଏକ ଉତ୍ସବରେ କିଡ଼ସ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କିଡ଼ସ୍ ନିର୍ଦ୍ଦେଶକ ଡା. ଯୁଗଜ୍ୟୋତି ପାଠୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଚିଲିର କନ୍‌ସଲ୍ ଜେନେରାଲ ଗୁସ୍ତଫୋ ଗନ୍‌ଜେଲ୍‌ଜେ, ତାଇୱାଲ୍ ଏକ୍‌ସଟର୍ନାଲ୍ ଟ୍ରେଡ୍ ଡେଭେଲପମେଂଟ କାଉନ୍‌ସିଲ୍‌ର ଆଲେକ୍‌ସ ଚେନ୍, ଆଇଡିଏର ସଭାପତି ଡା ଶୁଭ୍ରାନନ୍ଦି, ମହାସଚିବ ଡା ଆଶୋକ ଧୋବଲେ ଏବଂ ନବନିର୍ବାଚିତ ସଭାପତି ଡା ମନୋଜ ଶ୍ରୀବାସ୍ତବ ପ୍ରମୁଖଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦନ୍ତ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଜାତୀୟ ଚରକ ପୁରସ୍କାର ହେଉଛି ଏକ ସମ୍ମାନଜନକ ପୁରସ୍କାର । ଦନ୍ତ ଚିକିତ୍ସାରେ କ୍ଲିନିକାଲ୍ ଉତ୍କର୍ଷତା ଓ ନବ ସର୍ଜନା କ୍ଷେତ୍ରରେ କିଡ଼ସ୍‌ର ପ୍ରତିବଦ୍ଧତାକୁ ଏକ ସ୍ୱୀକୃତି ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଦନ୍ତ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଆଇଡିଏ ପକ୍ଷରୁ ଚରକ ଜାତୀୟ ପୁରସ୍କାର ଆରମ୍ଭ କରାଯାଇଥିଲା । ସମଗ୍ର ଭାରତରୁ ୪ଲକ୍ଷ ସାଧାରଣ ଲୋକଙ୍କ ଭୋଟ ଓ ବିଚାରକଙ୍କ ନିଷ୍ପତି ଅନୁସାରେ କିଡ଼ସ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଡ଼ସ୍‌ର ସମସ୍ତ ଡାକ୍ତର, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ, କିଡ୍ ଡେଂଟାଲ୍ କଲେଜରେ ସର୍ବାଧୁନିକ ଦନ୍ତ ଚିକିତ୍ସା ଉପକରଣ ଓ ଭିତିଭୂମି ରହିଛି । କିଡ଼ସରେ ୩ଶହରୁ ଡେଂଟାଲ୍ ଚେୟାର, ଏଆଇ ଡାଇଗ୍ନୋଷ୍ଟିକ୍‌ସ ଏବଂ ଥ୍ରିଡି ପ୍ରିଂନ୍‌ଟିଂ ଲ୍ୟାବ ଆଦି ଉପଲବ୍ଧ । ଏପରିକି କିଡ୍‌ସ ବିଶେଷଜ୍ଞଙ୍କ ଦ୍ୱାରା ଗ୍ରହଣ ଖଣ୍ଡିଆ ରୋଗୀଙ୍କ ପାଇଁ କ୍ଲେଫ୍‌ଟ କନେକ୍ଟ ଆପ ବିକଶିତ କରାଯାଇଛି ।

# ନୂଆଗାଁ ଆଂଚଳିକ ଯାଦବ ସମାଜ ର ନୂତନ କର୍ମକର୍ତା ଚୟନ



ଗୋଲାମୁଣ୍ଡା (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ଅନ୍ତର୍ଗତ ନୂଆଗାଁ ଆ*ଳିକ ଯାଦବ ସମାଜର ନୂତନ କର୍ମକର୍ତା ଚୟନ ହୋଇଥିଲା । ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଶ୍ରୀଯୁକ୍ତ ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂତନ କର୍ମକର୍ତା ଚୟନ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜର ସଂପାଦକ ଶ୍ରୀଯୁକ୍ତ ପରୀକ୍ଷିତ ଖର୍ସ ?ଲ,ଉପ ସଭାପତି ରେବା କଟା ,କେଗାଁ ଜୋନାଲ ସଭାପତି ଶ୍ରୀଯୁକ୍ତ ଦିନରାମ କେତକୀ, ସମାଜସେବୀ ତଥା ଯୁବ ସାମ୍ବାଦିକ ଶ୍ରୀଯୁକ୍ତ ବ୍ରହ୍ମା ପ୍ରସାଦ କାଣ୍ଡ ପ୍ରମୁଖ ଉପସ୍ଥିତିରେ କରଞ୍ଜୀକୋଟ ଶିବ ମନ୍ଦିର ପ୍ରାଙ୍ଗଣରେ ଆଜି ସମାଜ ସଂକ୍ରାନ୍ତିୟ ଆଲୋଚ଼ନା ସହିତ ନୂତନ କର୍ମକର୍ତା ଚୟନ ହୋଇଥିଲା । ସର୍ବସମ୍ମତିକ୍ରମେ ସଭାପତି ଭାବରେ ଶ୍ରୀଯୁକ୍ତ ଚ଼ନ୍ଦ୍ରଧ୍ୱଜ ଚ଼ନ୍ଦନ, ଉପସଭାପତି ଧ୍ୱଜ ନାଗ,ସଂପାଦକ ବିପିନ ହଂସ ,ଯୁଗ୍ମ ସଂପାଦକ କୁମୁଦ ବାଗ, କୋଷାଧ୍ୟକ୍ଷ କୁରୁକ୍ଷେତ୍ର ବନ୍ଦିଛୋଡ ଚ଼ୟନ ହୋଇଥିଲା ।

# ବିଭିନ୍ନ ଦାବୀ ନେଇ ମିଳିତ ଶ୍ରମିକ ସଂଘର ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ



ପାରାଦୀପ,(ପି.ଏନ): ଗତ ଅକ୍ଟୋବର ୯ ତାରିଖରେ ୬ ଟି ପୋର୍ଟ ଆଣ୍ଡ ଡ଼କ ଫେଡେରେସନ ଦ୍ୱାରା ଗଠିତ ନ୍ୟାସନାଲ କୋଡିନେସନ କମିଟି ର ମର୍ମାଗୋଆ ବନ୍ଦର ଠାରେ ଅନୁଷ୍ଠିତ ବୈଠକର ନିଷ୍ପତି ତଥା ମହାସଂଘ ଡାକରାରେ ଭାରତର ୧୨ ଗୋଟି ବୃହତ ବନ୍ଦରରେ ନଭେମ୍ବର ୧୨ ତାରିଖ ବୁଧବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବାବେଳେ ପାରାଦୀପ ବନ୍ଦରରେ ୧୩ ଗୋଟି ଶ୍ରମିକ ସଂଗଠନ ତରଫରୁ ମିଳିତ ଭାବରେ ବନ୍ଦର ଶ୍ରମିକ କର୍ମଚ଼ାରୀ, ଅବସର ପ୍ରାପ୍ତ କର୍ମଚ଼ାରୀ ଏବଂ ଠିକା ଶ୍ରମିକ ମାନଙ୍କୁ ନେଇ ପାରାଦ୍ୱୀପ ବନ୍ଦର ପ୍ରଶାସନିକ ଭବନ ସଂମ୍ମୁଖ ରେ ବିକ୍ଷୋଭ କରାଯାଇଥିଲା । ପ୍ରକାଶ ଥାଉକି ବନ୍ଦର ଶ୍ରମିକ କର୍ମଚ଼ାରୀ ମାନଙ୍କର ନୂତନ ବେତନ ଚୁକ୍ତିନାମା ଗତ ସେପ୍ଟେମ୍ବର ୨୭ ତାରିଖରେ ହୋଇସାରିଥିଲେ ମଧ୍ୟ ସେଥି ମଧ୍ୟରୁ କେତେ ଗୁଡିଏ ଚୁକ୍ତିନାମା ଯାହାକି ପାରାଦ୍ୱୀପ ବନ୍ଦର କର୍ତୃପକ୍ଷ ୟୁନିଅନ ମାନଙ୍କ ସହ ଆଲୋଚ଼ନା କରି ଲାଗୁ କରିବା କଥା କିନ୍ତୁ କର୍ତୃପକ୍ଷ ଟାଳଟୁଳ ଓ କାଳକ୍ଷେପଣ ନୀତି ଅବଲମ୍ବନ କରି ଚ଼ାଲିଥିବା ନେଇ ଅଭିଯୋଗ ହୋଇଛି । ଯାହା ଫଳରେ ଶ୍ରମିକ କର୍ମଚ଼ାରୀ ମାନେ ଯେଉଁ ଆର୍ଥିକ ପ୍ରୋତ୍ସାହନ ପାଇବା କଥା ତାହା ପାଇପାରୁ ନାହାନ୍ତି । ତେଣୁ ବାକି ରହିଥିବା ବିଭିନ୍ନ ଚୁକ୍ତିନାମାକୁ ବନ୍ଦର କର୍ତୃପକ୍ଷ ଲାଗୁ କରିବାକୁ ଦାବୀ କରାଯାଇଛି କ୍ଷ ଏହି ଦାବିଗୁଡିକ ମଧ୍ୟରେ ଷ୍ଟାଗନେସନ ଇନକ୍ରିମେଂଟ, ପ୍ରମୋସନ କ୍ଷେତ୍ରରେ ପେ ପ୍ରୋଟେକ୍ସନ, ଚ଼ିଲଡ୍ରେନ ଏଡୁକେସନ ଆଲାଉନ୍ସ, ସ୍ପେସିଆଲ ୱାସିଙ୍ଗ ଆଲାଉନ୍ସ, ବିନା ସୁଧରେ ଝିଅ ପୁଅ ବିଭାଘର ପାଇଁ ଅଗ୍ରିମ ଅର୍ଥ ପ୍ରଦାନ, ଗାଡି ଓ ମୋଟର ସାଇକେଲ କିଣିବା ପାଇଁ ଅଗ୍ରିମ ଅର୍ଥ, ହାଉସ ବିଲଡିଂ ଲୋନ ଅର୍ଥର ପରିଣାମ ବୃଦ୍ଧି, ପେନସନ ଇତ୍ୟାଦି ବହୁ ଦାବି ରହିଥିବା ବେଳେ ଅଦ୍ୟାବଧି ଏହାର ସମାଧାନ ହୋଇ ପାରିନାହିଁ । ସେହିପରି ପି.ଏଲ.ଆର ବୋନସ ଚୁକ୍ତିନାମା ଅନୁଯାୟୀ ୨୦୨୧-୨୨ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ କର୍ମଚ଼ାରୀ ମାନଙ୍କୁ ବକେୟା ଏରିଅର ପ୍ରଦାନ, ସି.ସି.ଏସ. ପେନଶନ ନିୟମର ସଂଶୋଧନ ସଂସଦରେ ବିଲ ୨୦୨୫ କେନ୍ଦ୍ର ସରକାର ଆଗତ କରିବା ପ୍ରତିବାଦରେ, ବନ୍ଦରର ଗଚ୍ଛିତ ଲାଭଂଶ ଅର୍ଥକୁ ଜାତୀୟକରଣ ବ୍ୟାଙ୍କରେ ରଖିବା ପରିବର୍ତ ? ପ୍ରାଇଭେଟ ବ୍ୟାଙ୍କରେ ଡିପୋଜିଟ କରିବାକୁ ବନ୍ଦର ଗୁଡିକୁ ବାଧ କରିବା ପ୍ରତିବାଦରେ ଏବଂ ବନ୍ଦର ଚ଼ିକିତ୍ସାଳୟ ଗୁଡିକୁ ପି.ପି.ପି. ମୋଡ଼ରେ ବାହାର ସଂସ୍ଥାକୁ ଚ଼ଳାଇବାକୁ ଦେବାକୁ ବିରୋଧ କରାଯାଇଛି । ଏହା ବ୍ୟତୀତ ବନ୍ଦରର ରେଗୁଲାର କର୍ମଚ଼ାରୀଙ୍କ ସଂଖ୍ୟା କମିବା ଓ ସେମାନଙ୍କ ସ୍ଥାନରେ ରେଗୁଲାର ନିଯୁକ୍ତି ନ କରିବା ଫଳରେ ବନ୍ଦର କର୍ତୃପକ୍ଷ ଠିକା ଶ୍ରମିକ (ଡ଼ି.ଏଲ.ଆର) ମାନଙ୍କୁ ନିୟୋଜିତ କରାଇ ଆଜି ୧ ନମ୍ବର ବନ୍ଦରର ମାନ୍ୟତା ପାଇଛି, କିନ୍ତୁ ସେହି ଠିକା ଶ୍ରମିକ ରେଗୁଲାର କାମରେ କାର୍ଯ୍ୟ କରୁଥିଲେ ମଧ୍ୟ କେବଳ ସରକାରଙ୍କ ଧାର୍ଯ୍ୟ ନୈନିକ ମଜୁରୀ ଦିଆଯାଉଛି । ସେମାଙ୍କୁ ସମାନ କାମକୁ ସମାନ ଦରମା ଦେବା, ସେମାନଙ୍କ ଅବସର ସମୟରେ ଗ୍ରାଚୁ୍ଇଟି, ରିଟାୟାର୍ଡ଼ମେଂଟ ବେନିଫିଟ ଦେବା, ବନ୍ଦର ଚ଼ିକିତ୍ସାଳୟରେ ବିନା ଅର୍ଥ ଦେୟରେ ନିଜେ ଓ ନିଜ ପରିବାର ସଦସ୍ୟଙ୍କ ଚ଼ିକିତ୍ସା ପ୍ରଦାନ, ବନ୍ଦରରେ କାର୍ଯ୍ୟରତ ଠିକା ଶ୍ରମିକ (ଡ଼ି.ଏଲ.ଆର) ମାନଙ୍କୁ ବନ୍ଦର କର୍ତୃପକ୍ଷ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଆର୍ଥିକ ସୁବିଧା ଓ ଗିଫ୍ଟ ଇତ୍ୟାଦି କୁ ସୀମିତ ସଂଖ୍ୟା ମଧ୍ୟରେ ନ ରଖି ସମସ୍ତଙ୍କୁ ପ୍ରଦାନ କରିବା, ବନ୍ଦର କର୍ତୃପକ୍ଷଙ୍କ ନିର୍ଦେଶନାମା ଅନୁଯାୟୀ ସୀମିତ ଠିକା ଶ୍ରମିକ ଙ୍କୁ ଦେଉଥିବା ବିଭିନ୍ନ ଆର୍ଥିକ ପ୍ରୋତ୍ସାହନକୁ ସମସ୍ତ ଠିକା ଶ୍ରମିକଙ୍କୁ ପ୍ରଦାନ କରିବା ଦାବୀ ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ ସହ ସମସ୍ତ ଦାବୀ ପୂରଣ କରିବାକୁ ବନ୍ଦର କତୃପକ୍ଷଙ୍କୁ ଅନୁରୋଧ କରାଯାଇଛି କ୍ଷ ଉପରୋକ୍ତ ଦାବୀ ପ୍ରତିବାଦରେ ଶ୍ରମିକ ନେତା ସର୍ବଶ୍ରୀ ଯତିକାନ୍ତ ବେହେରା, ଗୁଣନିଧି ଚୌଧୁରୀ, ବିଭୁତି ମହାରଣା, କୁଶ ଚ଼ରଣ ସୁତାର, ମହେଶ୍ୱର ସୋରେନ, ପ୍ରସନ୍ନ ଦାସ ପ୍ରମୁଖ ଏହାର ସମାଧାନ ଶୀଘ୍ର କରିବାକୁ ବନ୍ଦର କର୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି କ୍ଷ ଏହି ଦାବୀପତ୍ର ଇଣ୍ଡିଆନ ପୋର୍ଟସ ଆସୋସିଏସନ ର ଚେୟାରମ୍ୟାନ ଓ ମ୍ୟାନେଜିଙ୍ଗ ଡାଇରେକଟରଙ୍କ ପାଖକୁ ଆସନ୍ତା ନଭେମ୍ବର ୧୪ ତାରିଖରେ ବନ୍ଦର ଅଧ୍ୟକ୍ଷ ଙ୍କ ମାଧ୍ୟମରେ ପଠାଇବାକୁ ସ୍ଥିର କରାଯାଇଛି ବୋଲି ମିଳିତ ଶ୍ରମିକ ସଂଘ ପକ୍ଷରୁ କୁହାଯାଇଛି ।

# ବୈତରଣୀଶ୍ୱରୀ ପାଲା କମିଟିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଯୋଗ ଦେଲେ-ମନ୍ତ୍ରୀ ସୂର୍ଯ୍ୟବଂଶୀ





ଧାମନଗର,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ କ୍ଷେଣ୍ଡ଼ପୁର ଠାରେ ବୈତରଣୀଶ୍ୱରୀ ପାଲା କମିଟିର ପଚ଼ାଶ ବର୍ଷ ପୁର୍ତୀ ଉତ୍ସବ ଗତ ୫ତାରିଖ ଠାରୁ ମହା ସମାରୋହରେ ପାଳିତ ହୋଇଆସୁଛି । ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଧାମନଗର ବିଧାୟକ ତଥା ମାନନୀୟ ମନ୍ତ୍ରୀ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ,ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଉକ୍ତ ଅନୁଷ୍ଠାନଟି ଏକ ଅର୍ଦ୍ଧଶତାବ୍ଦୀର ଇତିହାସ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ଶ୍ରୀ ସୁରଜ ନିଜ ବକ୍ତବ୍ୟରେ ରଖିଥିଲେ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମୟୁରଭଞ୍ଜର ଛଉ ନୃତ୍ୟ ଓ ଜିଲ୍ଲା ପ୍ରଶାସନ ତରଫରୁ ଗୁରୁ ସୁବାସ ମଲ୍ଲିକଙ୍କ ନିର୍ଦ୍ଦେଶିତ ମୋଗଲ ତାମସା ପ୍ରଦର୍ଶିତ ହୋଇଥିଲା । ବିଶେଷକରି ମୋଗଲ ତାମସାର ଲୋକପ୍ରିୟତା ହଜାର ହଜାର ସଂଖ୍ୟକ ଦର୍ଶକଙ୍କ ମହଲରୁ ବାରିହୋଇ ପଡୁଥିଲା । ଏହି କାର୍ଯ୍ୟକ୍ରମକୁ ଦଶରଥ ଗାହାଣ,ପ୍ରମୋଦ ସୂତାର,ଗଗନ ବିହାରୀ ସାହୁ,ସମରେନ୍ଦ୍ର ପରିଡା,ଶିଶିର ମିଶ୍ର ପ୍ରମୁଖ ପରିଚ଼ାଳନା କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ମାନନୀୟ ଉଚ୍ଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ କମିଟି ପକ୍ଷରୁ ବିପୁଳ ସ୍ୱାଗତ କରିବା ସହ ଉପଢୌକନ,ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# କେନ୍ଦ୍ରାପଡା ବାଲିଯାତ୍ରା ଉଦଯାପିତ



କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନି ଉତ୍ସବ ସଭାପତି ପ୍ରଦିପ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ସଂଞ୍ଜୟ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତ ଏହି ଉତ୍ସବକୁ ସଂଯୋଜନା କରିଥିଲେ । ଏଥିରେ ବିଶିଷ୍ଟ ଅତିଥିଭାବେ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୁପାନନ୍ଦ ସରସ୍ୱତୀ ଯୋଗଦେଇ ମାନବୀୟ ଗୁଣାବଳିର ବିକାଶ ଘଟିଲେ କେନ୍ଦ୍ରାପଡାର ବୌଦ୍ଧିକ ବିକାଶ ଘଟିବ ଏବଂ କେନ୍ଦ୍ରାପଡାର ଜନ୍ମିତ ତଅପୋଇର ଆତ୍ମା ଶାନ୍ତି ଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହିତ ଅତ୍ୟାଧୁନିକ ଯୁଗର ଅତ୍ୟାଚାରିତ ତଅପୋଇମାନେ ମଧ୍ୟ ଶାନ୍ତି ଲାଭ କରିପାରିବେ ବୋଲି ଶ୍ରୀ'ମା କହିଥିଲେ । ମୁଖ୍ୟଅତିଥି ଭାବେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ କହିଲେ ବାଲିଯାତ୍ରା ଆମ ଐତିହ୍ୟ ଓ ପରମ୍ପରାକୁ ଉଦଜୀବିତ ରଖେ । ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମାଜସେବୀ ଯୁଗଳକିଶୋର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ସମାଜସେବୀ ଯୁଗଳକିଶୋର ଦାସଙ୍କୁ ଜିଲ୍ଲା ଶ୍ରେଷ୍ଟ ସ୍ୱର୍ଣ୍ଣକାର ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିରେ ଉପସଭାପତି ଧିରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଶୁଭାଂଶୁ ଦାସ, ସତ୍ୟବ୍ରତ ସିଂହ, ମୃତ୍ୟୁଞ୍ଜୟ ସାହୁ, ପିତବାସ ବେହେରା, କାକୁଲି ମଲ୍ଲିକଙ୍କ ସମେତ ସମସ୍ତ କର୍ମକ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିକ୍ରମ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray